ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/H&FW (OD)/907/21-12-2020**

# ବରଗଡ଼ଠାରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ପକ୍ଷରୁ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ।

ଭୁବନେଶ୍ୱର: ୨୧/୧୨

ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ କ୍ଷେତ୍ରରେ ଅଧିକରୁ ଅଧିକ ଘରୋଇ ମେଡ଼ିକାଲ କଲେଜ ପ୍ରତିଷ୍ଠା ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ । ଏହି ପରିପ୍ରେକ୍ଷିରେ ବରଗଡ଼ଠାରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ପକ୍ଷରୁ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି ।

ଆଜି ଲୋକ ସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସ ବିଭାଗୀୟ ଅତିରିକ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଅଧ୍ୟକ୍ଷ ଡ଼ି. ମୁରଲି କ୍ରିଷ୍ଣା ମେଡ଼ିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉପସ୍ଥାପନା କରିଥିଲେ ।

ଏଠାରେ ସୂଚନା ଯୋଗ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତାବିତ ମେଡ଼ିକାଲ କଲେଜ ପାଇଁ ୨୫ ଏକର ଜମି ସଂରକ୍ଷିତ କରି ରଖାଯାଇଥିବା ବେଳେ ଏବେ ୧୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କାର୍ଯ୍ୟ କରୁଅଛି । ଆଗାମୀ ୩ ବର୍ଷ ମଧ୍ୟରେ ଏହାକୁ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲଭାବେ କାର୍ଯ୍ୟକ୍ଷମ କରି ପରବର୍ତ୍ତୀ ସମୟରେ ମେଡ଼ିକାଲ କଲେଜରେ ପରିଣତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଫଳରେ ଭବିଷ୍ୟତରେ ବରଗଡ଼ ଜିଲ୍ଲା ଓ ଏହାର ଆଖ ପାଖ ଅଂଚଳର ସାଧାରଣ ଜନତା ଉତମ ମାନର ଚିକିତ୍ସା ସେବା ପାଇବା ସହ ଉପକୃତ ହୋଇ ପାରିବେ ।

ଏହି ଅବସରରେ ଡ଼ିଏମ୍‌ଇଟି ପ୍ର. ଡ଼ା ସି. ବି. କେ ମହାନ୍ତି, ବିଭାଗୀୟ ଯୁଗ୍ମ ସଚିବ ଶ୍ରୀ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ବିଭୁତି ନାୟକ,
ସୂଚନା ଅଧିକାରୀ